ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

10th Dec, 2019

# ଆଇଏସଟିଏଏମ୍ କଂଗ୍ରେସ ଉଦ୍‌ଘାଟିତ



ଜଟଣୀ, ୯।୧୨(ନି.ପ୍ର): ଆଇଆଇଟି ପରିସରରେ ୬୪ ତମ କଂଗ୍ରେସ ଭାରତୀୟ ସମାଜର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ଗଣିତ ଶାସ୍ତ୍ରର ଗତି ସମ୍ପର୍କୀୟ ଆଲୋଚନାଚକ୍ର ଉଦଘାଟିତ ହୋଇଯାଇଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ଆମେରିକାର ସିନସିନାଟି ବିଶ୍ୱବିଦ୍ୟାଳୟର ପ୍ରଫେସର ଜି.ଲିଉ ଉଦଘାଟନ କରିଥିଲେ। ଆଇଏସଟିଏଏମର ଅଦ୍ୱିତୀୟ ଦର୍ଶନ ଶାସ୍ତ୍ର ଯୁବପୀଢ଼ୀକୁ ଗବେଷଣା କ୍ଷେତ୍ରରେ ପ୍ରେରଣା ଏବଂ ଉତ୍ସାହ ପ୍ରଦାନ କରିବ ବୋଲି ମୁଖ୍ୟଅତିଥି କହିଥିଲେ। ମେକାନିକାଲ ଓ ବେସିକ ସାଇନ୍ସ ସ୍କୁଲ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଆଇସିଟିଏଏମର ଅଧ୍ୟକ୍ଷ ପ୍ରଫେସର ପିଭିଏସଏନ ମୂର୍ତ୍ତି, ସମ୍ପାଦକ ଡ଼ି.କେ. ମାଇତି, ପ୍ରଫେସର ସ୍ୱରୂପ କମାର ମହାପାତ୍ର, ଡ଼.ଟିଭିଏସ ଶେଖର, ଡ଼.ମିହିର କୁମାର ପଣ୍ଡିତ ଏବଂ ଦେଶ ଓ ବିଦେଶରୁ ଆସିଥିବା ପ୍ରତିନିଧି ଏଥିରେ ଭାଗ ନେଇଥିଲେ। ଆଇଏସଟିଏଏମର ସଂଗଠନ ସମ୍ପାଦକ ଡ଼.ଅରୁଣ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।